মেসর্স বিসিসিএল র রামকানালি কোইলা খণি কর্মচারী পরিচালনা

ବନାମ

ରାଷ୍ଟ୍ରୀୟ କୋଇଲା ଖଣି ଶ୍ରମିକ ସଂଘ, ସମ୍ପାଦକଙ୍କ ଦ୍ୱାରା ଶ୍ରମିକମାନେ ଏବଂ ଅନ୍ୟଜଣେ

ମାର୍ଚ୍ଚ 27, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଏସ୍. ଏନ୍. ବାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*କୋଇଲା ଖଣି ରାଷ୍ଟ୍ରୀୟକରଣ ଅଧିନିୟମ, 1973 ଧାରା 14*

*କୋଇଲା ଖଣି— ରାଷ୍ଟ୍ରୀୟକରଣ— ପରିଚାଳନା ଦ୍ୱାରା କର୍ମଚାରୀଙ୍କୁ କାମ କରିବାକୁ ବାରଣ କରାଯାଇଛି— ପରିଚାଳନା ଯୁକ୍ତି କରିଛି ଯେ କର୍ମଚାରୀମାନେ ଅଧିଗ୍ରହଣ ପୂର୍ବରୁ ନିଯୋଜିତ ନଥିଲେ— ଶିଳ୍ପ ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଛନ୍ତି ଯେ ଶ୍ରମିକମାନେ ଅଧିଗ୍ରହଣ ସମୟରେ ଥିଲେ ଏବଂ ସେମାନଙ୍କୁ ସେମାନଙ୍କର କାର୍ଯ୍ୟ ପୁନର୍ବାର ଆରମ୍ଭ କରିବାକୁ ଅନୁମତି ଦିଆଯିବା ଉଚିତ୍— ସଠିକତା— ନିର୍ଣ୍ଣୟ ହୋଇଛି:ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ ବିଚାରାଧୀନ ଥିବା ଶ୍ରମିକମାନଙ୍କୁ କର୍ମଚାରୀ ଭାବରେ ବାରଣ କରାଯାଇନାହିଁ, କିନ୍ତୁ ସେମାନଙ୍କୁ କାମ କରିବାକୁ ଅନୁମତି ଦିଆଯାଇ ନଥିଲା— ଏହି ତଥ୍ୟଗତ ସିଦ୍ଧାନ୍ତରେ କୌଣସି ପ୍ରକାରର ତ୍ରୁଟି ବାହାର କରାଯାଇପାରିବ ନାହିଁ— ତେଣୁ, କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ— ଶ୍ରମ ଆଇନ ।*

**ଉତ୍ତରଦାତା-ଶ୍ରମିକମାନେ ଶିଳ୍ପ ନ୍ୟାୟାଧିକରଣରେ ଏକ ବିବାଦ ଉଠାଇଥିଲେ ଯେ ସେମାନଙ୍କୁ ଆବେଦନକାରୀ-ପରିଚାଳନାଙ୍କ କୋଇଲା ଖଣିରେ କାମ କରିବାକୁ ବାରଣ କରାଯାଇଥିଲା । ଆବେଦନକାରୀ ନ୍ୟାୟାଧିକରଣ ପାଖରେ ଦାବି କରିଥିଲେ ଯେ ନନ୍-କୋକିଂ କୋଇଲା ଖଣିଗୁଡ଼ିକ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇ ରାଷ୍ଟ୍ରୀୟକରଣ କରାଯାଇଥିଲା ଏବଂ ଅଧିଗ୍ରହଣ ତାରିଖ ପୂର୍ବରୁ କୌଣସି ଉତ୍ତରଦାତା -ଶ୍ରମିକମାନେ ଚାକିରିରେ ନଥିଲେ । ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଥିଲେ ଯେ ସମ୍ପୃକ୍ତ ଶ୍ରମିକମାନେ, ଅଧିଗ୍ରହଣ ସମୟରେ କୋଇଲା ଖଣିର ଶ୍ରମିକ ଥିଲେ ଏବଂ ସେମାନଙ୍କୁ ଅଧିଗ୍ରହଣ ତାରିଖରୁ କାର୍ଯ୍ୟରେ ପୁନର୍ବାର ଯୋଗଦେବାକୁ ଅନୁମତି ଦିଆଯିବା ଉଚିତ । ଆବେଦନକାରୀଙ୍କ ଦ୍ୱାରା ଆଗତ ହୋଇଥିବା ଆଜ୍ଞାଦେଶ ଆବେଦନକୁ, ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ, କୋଇଲା ଖଣି ରାଷ୍ଟ୍ରୀୟକରଣ ଅଧିନିୟମ, 1973 ର ଧାରା 14 ଅନୁଯାୟୀ, କେବଳ ସେହି ଶ୍ରମିକମାନଙ୍କୁ ଚାକିରିରେ ସୁରକ୍ଷା ମିଳିବ, ଯେଉଁମାନେ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ 1.5.1973 ସୁଦ୍ଧା ନିଯୁକ୍ତି ପାଇଥିଲେ, ଯେଉଁ ସମୟରେ ଏହି ମାମଲାକୁ ନ୍ୟାୟାଧିକରଣଙ୍କ ପାଖକୁ ପଠାଯାଇଥିଲା, ସେତେବେଳକୁ ଧାରା 14 ର ବ୍ୟବସ୍ଥାକୁ 1.5.1973 ରୁ ପିଛିଲା ଭାବେ ପୁନଃସ୍ଥାପିତ କରାଯାଇଥିଲା, ତେଣୁ, 1987 ମସିହାରେ ନ୍ୟାୟାଧିକରଣ ଏହି ଅଧିନିର୍ଣ୍ଣୟ ପାରିତ କରିବା ଉଚିତ୍ ନଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ଯଦି ଗୋଟିଏ କାର୍ଯ୍ୟଦ୍ୱାରା ଉଭୟ ପ୍ରତ୍ୟାହାର ଏବଂ ଏହାର ସ୍ଥାନରେ ଅନ୍ୟ ଏକ ବ୍ୟବସ୍ଥାର ପ୍ରବର୍ତ୍ତନ ହୁଏ, ତେବେ "ପ୍ରତିସ୍ଥାପନ" ଶବ୍ଦଟି ବ୍ୟବହୃତ ହୁଏ । ପୂର୍ବ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ଏହିପରି ବିଲୋପର ପ୍ରଭାବ ରହିଛି ଏବଂ ଏହା ମଧ୍ୟ ନୂତନ ବ୍ୟବସ୍ଥାର ପ୍ରବର୍ତ୍ତନ ପାଇଁ ବ୍ୟବସ୍ଥା କରିଥାଏ । ତେଣୁ ଏଭଳି କ୍ଷେତ୍ରରେ ପ୍ରତ୍ୟାହାର ଏବଂ ସଂଶୋଧନ କିମ୍ବା ପ୍ରତିସ୍ଥାପନ ମଧ୍ୟରେ କୌଣସି ପ୍ରକୃତ ପାର୍ଥକ୍ୟ ନାହିଁ । ଯଦି ସେହି ଦିଗଟିକୁ ଧ୍ୟାନରେ ରଖାଯାଏ, ତେବେ ଏକ ବ୍ୟବସ୍ଥାର ସଂଶୋଧନରୁ ଉତ୍ପନ୍ନ ହେଉଥିବା ପକ୍ଷମାନଙ୍କ ଅଧିକାର ଖୋଜି ବାହାର କରିବାର ସାଧାରଣ ନୀତିଗୁଡ଼ିକ ପ୍ରୟୋଗ କରାଯିବା ଆବଶ୍ୟକ । ଯଦି ସେଠାରେ ଏକ ନିହିତ ଅଧିକାର ଥାଏ ଏବଂ ସେହି ଅଧିକାର ଛଡ଼ାଇ ନିଆଯିବାର ଅଛି, ତେବେ ଆଇନକୁ ନିଶ୍ଚିତ ଭାବେ ପିଛିଲା ପ୍ରଭାବରେ କାର୍ଯ୍ୟକାରୀ କରିବାକୁ ପଡ଼ିବ ଏବଂ ଯଦି ଏପରି ଏକ ଆଇନ; ପିଛିଲା ପ୍ରଭାବରେ ଏପରି ଏକ ଅଧିକାରକୁ ଛଡ଼ାଇ ନିଏ, ତେବେ ଆଉ ଏହା ଯୁକ୍ତି କରାଯାଇପାରିବ ନାହିଁ ଯେ ଏହି ଅଧିକାରକୁ କାର୍ଯ୍ୟକାରୀ କରାଯିବା ଉଚିତ । ତେବେ, ବର୍ତ୍ତମାନ ମାମଲାରେ, ସେହି ଆଇନଗତ ସ୍ଥିତି, ପକ୍ଷମାନଙ୍କର ଅଧିକାରକୁ ପ୍ରଭାବିତ କରେ ନାହିଁ ।**

*ଶ୍ରମିକମାନେ ବନାମ ଭାରତ କୋକିଂ କୋଲ୍ ଲିମିଟେଡ୍,* **[1978] 2 ଏସସିସି 175 ଏବଂ ଭଗତ ରାମ ଶର୍ମା ବନାମ ଭାରତ ସଂଘ [1988] ଏସୟୁପିପି. ଏସସିସି 30 ମାମଲା ଉପରେ ନିର୍ଭର କରାଯାଇଥିଲା ।**

*ଭୁବନେଶ୍ୱର ସିଂହ ବନାମ ଭାରତ ସଂଘ* **[1994] 6 ଏସସିସି 77, ମାମଲାକୁ ପ୍ରଯୁଜ୍ୟ ନୁହେଁ ବୋଲି ନିର୍ଣ୍ଣୟ ହୋଇଛି ।**

**2. କୋଇଲା ଖଣି ରାଷ୍ଟ୍ରୀୟକରଣ ଅଧିନିୟମ, 1973, 1.5.1973 ରୁ କାର୍ଯ୍ୟକାରୀ ହୋଇଥିଲା ଏବଂ କର୍ମଚାରୀମାନେ (ପୂର୍ବତନ କର୍ମଚାରୀଙ୍କ ସମେତ, ଯେଉଁମାନଙ୍କ ସେବା ସମାପ୍ତ ହୋଇଥିଲା) ଏପରି ନିଯୁକ୍ତି ଜାରି ରଖିବେ, ଯେପରିକି ରାଷ୍ଟ୍ରୀୟକରଣ ହୋଇନାହିଁ । ବର୍ତ୍ତମାନର ମାମଲାରେ ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତ ଏହା ଯେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଚାକିରିରୁ ବାହାର କରାଯାଇନଥିଲା, କିନ୍ତୁ ସେମାନଙ୍କୁ କେବଳ କାମ କରିବାକୁ ଅନୁମତି ଦିଆଯାଇନଥିଲା । ପ୍ରମାଣ ଆଧାରରେ ନିଆଯାଇଥିବା ଏହି ତଥ୍ୟଗତ ସିଦ୍ଧାନ୍ତରେ କୌଣସି ତ୍ରୁଟି ନାହିଁ । ତେଣୁ, କର୍ମଚାରୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅଧିକାର, ଅଧିନିୟମର ସଂଶୋଧିତ ବ୍ୟବସ୍ଥାକୁ ଆକର୍ଷିତ କରିବ ନାହିଁ, ଯାହା 15.12.1986 ରେ କାର୍ଯ୍ୟକାରୀ ହୋଇଥିଲା ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 5797/1998

5.4.98 ତାରିଖରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ଏଲ୍.ପି.ଏ. ସଂଖ୍ୟା 125/1989 (ଆର୍) ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସହିତ

ଦେୱାନୀ ଆବେଦନ ସଂଖ୍ୟା 7596/1999

ଆଟର୍ଣ୍ଣି ଜେନେରାଲ ସୋଲି ଜେ. ସୋରାବଜୀ, ଅଜିତ କୁମାର ସିହ୍ନା ଏବଂ ଏସ୍.ସି. ମଲିକ ଆବେଦନକାରୀଙ୍କ ପାଇଁ ।

ଏସ୍.ବି. ଉପାଧ୍ୟାୟ, ଶ୍ରୀମତୀ ଶ୍ୱେତା ବର୍ମା, ଶ୍ରୀମତୀ ସନ୍ତୋଷ ମିଶ୍ର, ତଥାଗତ ଏଚ୍. ବର୍ଦ୍ଧନ ଏବଂ ସୁଜିତ କୁମାର ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା । ସି. ଏ. ସଂଖ୍ୟା 5797/199

ଚାରି ଜଣ ଶ୍ରମିକ, ଯେଉଁମାନେ 1972 ମସିହା ମେ କିମ୍ବା ଜୁଲାଇରୁ ଆବେଦନକାରୀଙ୍କ ରାମକନାଲି କୋଇଲା ଖଣିରେ କାମ କରୁଥିବା ଦାବି କରିଥିଲେ, ସେମାନେ ଏକ ବିବାଦ ସୃଷ୍ଟି କରିଥିଲେ ଯେ ପରିଚାଳନା ସେମାନଙ୍କୁ କାମ କରିବାକୁ ବାରଣ କରିଥିଲା । ଏହି ବିଷୟଟି ଯେଉଁ ଶିଳ୍ପ ନ୍ୟାୟାଧିକରଣଙ୍କୁ ପଠାଯାଇଥିଲା, ସେଠାରେ ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ଅଣ-କୋକିଙ୍ଗ କୋଇଲା ଖଣିଗୁଡ଼ିକ କେନ୍ଦ୍ର ସରକାରଙ୍କ ଦ୍ୱାରା 31.1.1973 ରେ ଅଧିଗ୍ରହଣ କରାଯାଇଥିଲା ଏବଂ 1.5.1973 ରୁ ଏହାକୁ ରାଷ୍ଟ୍ରୀୟକରଣ କରାଯାଇଥିଲା ଏବଂ ଅଧିଗ୍ରହଣ ତାରିଖ ପୂର୍ବରୁ ଏହି କର୍ମଚାରୀମାନଙ୍କ ମଧ୍ୟରୁ କେହି ଚାକିରିରେ ନଥିଲେ । କୋଇଲା ଖଣିର ଅଧିଗ୍ରହଣ ପରେ, ନିଯୁକ୍ତିଦାତାଙ୍କ ପ୍ରତିନିଧି ଏବଂ ଶ୍ରମିକମାନଙ୍କୁ ନେଇ ଗଠିତ ଏକ ପରୀକ୍ଷଣ ସମିତି ଶ୍ରମିକମାନଙ୍କ ଦାବି ଯାଞ୍ଚ କରିଥିଲା ଏବଂ ଜାଣିବାକୁ ପାଇଥିଲା ଯେ ଏହି ଶ୍ରମିକମାନଙ୍କ ଦାବିର କୌଣସି ଆଧାର ନାହିଁ ।

ଶିଳ୍ପ ନ୍ୟାୟାଧିକରଣଙ୍କୁ ବିଚାରାର୍ଥେ ପ୍ରେରଣ କରାଯାଇଥିବା ମାମଲାକୁ ଏହିପରି ପାଠ କରାଯାଏ:

"ମେସର୍ସ ଭାରତ କୋକିଙ୍ଗ କୋଲ ଲିମିଟେଡ, ପୋଷ୍ଟ ଅଫିସ କତ୍ରାସଗଡ଼, ଜିଲ୍ଲା ଧାନବାଦର ରାମକାନାଲି କୋଇଲା ଖଣିର ଶ୍ରମିକମାନଙ୍କ ଦାବି ଏହା ଯେ ସର୍ବଶ୍ରୀ ବିଷ୍ଣୁଦେଓ ସିଂ, କନ୍ହେୟା ପ୍ରସାଦ କରଣ, ହାଜିରା କିରାଣୀମାନେ, ଅଶୋକ କୁମାର ଦାସ, ମୁନ୍ନି ଏବଂ ବଚୁ ସିଂ, ପଶ୍ଚିମ ରାମକାନାଲି ବିଭାଗର ରାତ୍ରି ଜଗୁଆଳିଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦିଆଯିବା ଉଚିତ କି?ଯଦି ହଁ, ତେବେ ସମ୍ପୃକ୍ତ ଶ୍ରମିକମାନେ କେଉଁ ପ୍ରକାରର ଆଶ୍ୱସ୍ତି ପାଇବାକୁ ହକଦାର ଏବଂ କେଉଁ ତାରିଖରୁ?”

ନ୍ୟାୟାଧିକରଣ ଏହି ପ୍ରସଙ୍ଗକୁ ବିସ୍ତୃତ ଭାବେ ପରୀକ୍ଷା କରିଥିଲା ଏବଂ ପ୍ରମାଣକୁ ବିଚାରକୁ ନେଇ ନିର୍ଣ୍ଣୟ ନେଇଥିଲା ଯେ ସମ୍ପୃକ୍ତ ଚାରି ଜଣ ଶ୍ରମିକ, ରାମକାନାଲି କୋଇଲା ଖଣିର ଅଧିଗ୍ରହଣ ସମୟରେ  ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କୁ ଅଧିଗ୍ରହଣ ତାରିଖରୁ କାର୍ଯ୍ୟରେ ଯୋଗଦେବାକୁ ଅନୁମତି ଦିଆଯିବା ଉଚିତ । ଏଥିପାଇଁ ଆବେଦନକାରୀ ପରିଚାଳନାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ସେହି ଶ୍ରମିକମାନଙ୍କୁ ସେମାନଙ୍କ କାର୍ଯ୍ୟ ବନ୍ଦ ହେବା ତାରିଖଠାରୁ ନିରନ୍ତର ସେବା ସହିତ ପୁନଃ ନିଯୁକ୍ତି ଦିଆଯାଉ । ତେବେ, ନ୍ୟାୟାଧିକରଣ ସେହି ଅବଧି ପାଇଁ ମଜୁରୀ ପ୍ରଦାନ ସମ୍ପର୍କରେ କେତେକ ସଂଶୋଧନ କରିଥିଲେ, ଯେଉଁ ଅବଧି ପାଇଁ ସେମାନେ କାମ କରିନଥିଲେ ।ଏହି ପ୍ରସଙ୍ଗଟିକୁ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟକୁ ନିଆଯାଇଥିଲା । ବିଦ୍ୱାନ ଏକକ ବିଚାରପତି ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରି ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟକୁ ଅଗ୍ରାହ୍ୟ କରିଦେଇଥିଲେ ଏବଂ ଶ୍ରମିକମାନଙ୍କ ଦ୍ୱାରା ଏହି ମାମଲାକୁ ଆନ୍ତ-ନ୍ୟାୟାଳୟ ଆବେଦନ ମାଧ୍ୟମରେ ଦୁଇଜଣିଆ ଖଣ୍ଡପୀଠଙ୍କ ପାଖକୁ ନେଇଥିଲେ, ଯିଏ ଏହାକୁ ଅନୁମତି ଦେଇଥିଲେ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟକୁ ପୁନଃସ୍ଥାପିତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆସିଛି ।

ଆମ ସମ୍ମୁଖରେ ଯେଉଁ ଯୁକ୍ତି ଉପସ୍ଥାପିତ ହୋଇଛି ତାହା ହେଉଛି, କୋଇଲା ଖଣି ରାଷ୍ଟ୍ରୀୟକରଣ ଅଧିନିୟମ, 1973 ର ଧାରା 14 ଅନୁଯାୟୀ [ଏହାପରେ 'ଅଧିନିୟମ' ଭାବରେ ଉଲ୍ଲେଖ କରାଯାଇଛି] ନିଯୁକ୍ତି ତାରିଖରେ ଅର୍ଥାତ୍ 1.5.1973 ରେ ନିଯୁକ୍ତି ପାଇଥିବା ଜଣେ ଶ୍ରମିକ ନିଯୁକ୍ତିରେ ସୁରକ୍ଷା ପାଇବାକୁ ହକଦାର ଅଟନ୍ତି । ଯେଉଁ ସମୟରେ ଏହି ମାମଲାକୁ ନ୍ୟାୟାଧିକରଣଙ୍କ ପାଖକୁ ପଠାଯାଇଥିଲା, ସେତେବେଳକୁ ଧାରା 14 ର ବ୍ୟବସ୍ଥାକୁ 1.5.1973 ରୁ ପିଛିଲା ଭାବେ ପୁନଃସ୍ଥାପିତ କରାଯାଇଥିଲା, ତେଣୁ, 1987 ମସିହାରେ ନ୍ୟାୟାଧିକରଣ ଏହି ଅଧିନିର୍ଣ୍ଣୟ ପାରିତ କରିବା ଉଚିତ୍ ନଥିଲା ।

*ଶ୍ରମିକମାନେ ବନାମ ଭାରତ କୋକିଂ କୋଇଲା ଲିମିଟେଡ୍ ଏବଂ ଅନ୍ୟମାନେ* [1978] 2 ଏସ୍‌ସିସି 175 ମାମଲାରେ, ଏହି ନ୍ୟାୟାଳୟ କୋକିଂ କୋଇଲା ଖଣି ରାଷ୍ଟ୍ରୀୟକରଣ ଅଧିନିୟମ 1972 ର ଧାରା 9 ଏବଂ 17 ରେ ଥିବା ବ୍ୟବସ୍ଥାର ପରିସର ଏବଂ ପ୍ରଭାବକୁ ପରୀକ୍ଷା କରିଥିଲେ, ଯାହା ସମସ୍ତ ଦିଗରୁ ଅଧିନିୟମର ଧାରା 7 ଏବଂ 14 ସହିତ ସମାନ ଅଟେ । ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଧାରା 9 (ଅଧିନିୟମର ଧାରା 7 ସହିତ ସମାନ) ସରକାରଙ୍କୁ କୌଣସି ଅଧିନିର୍ଣ୍ଣୟ ବିରୁଦ୍ଧରେ ଅବ୍ୟାହତି ପ୍ରଦାନ କରିଛି ଏବଂ ଏହାକୁ ଧାରା 17 (1) (ଅଧିନିୟମର ଧାରା 14 (1) ସହିତ ସମାନ) ସହିତ ପଢ଼ିବାକୁ ପଡ଼ିବ । ତେଣୁ ଏହା ପଢିବା ଉଚିତ ଯେ, ଧାରା 9 ଧାରା 17 କୁ ଅବୈଧ କରେ ନାହିଁ କିମ୍ବା ଏହାର କାର୍ଯ୍ୟକାରିତା ଅଧିକ ନୁହେଁ । ଅତି ସୁନ୍ଦର ଭାବରେ, ଏହି ନ୍ୟାୟାଳୟ ଏହି ସ୍ଥିତିକୁ ନିମ୍ନଲିଖିତ ଭାବେ ବର୍ଣ୍ଣନା କରିଛନ୍ତି:

> "7. ଧାରା 9 ପୂର୍ବ ମାଲିକଙ୍କ ପୂର୍ବ ଦାୟିତ୍ୱ ବିଷୟରେ ଆଲୋଚନା କରେ । ଧାରା 9 (1), "ମାଲିକର ପ୍ରତ୍ୟେକ ଦାୟିତ୍ୱ ବିଷୟରେ କୁହେ ........ ସେହି ମାଲିକଙ୍କ ଦାୟିତ୍ୱ ନିଯୁକ୍ତି ତାରିଖ ପୂର୍ବରୁ ରହିବ ....... ଏବଂ ତାହା କେବଳ ତାଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ ହେବ ଏବଂ କେନ୍ଦ୍ର ସରକାର କିମ୍ବା ସରକାରୀ କମ୍ପାନୀ ବିରୁଦ୍ଧରେ ନୁହେଁ ।"ଏହା ସ୍ପଷ୍ଟ ଯେ, ଅନ୍ୟାୟ ଭାବେ ଚାକିରିରୁ ବାହାର କରିବା ଏବଂ ପୁନଃ ନିଯୁକ୍ତି ପାଇଁ ନିର୍ଦ୍ଦେଶ ସହିତ ଧାରା 9 (1) ର କୌଣସି ସମ୍ପର୍କ ନାହିଁ । କର୍ମଚାରୀମାନେ ବୋଝ ନୁହନ୍ତି (ଏପର୍ଯ୍ୟନ୍ତ ଆମ ଦେଶରେ) ।ଧାରା 9 (1) ଆର୍ଥିକ ଏବଂ ଅନ୍ୟାନ୍ୟ ଦାୟିତ୍ୱ ସମ୍ବନ୍ଧରେ ବିଚାର କରେ ଏବଂ ଏହାର ଶ୍ରମିକମାନଙ୍କ ସହିତ କୌଣସି ସମ୍ପର୍କ ନାହିଁ । ଯଦି କର୍ମଚାରୀଙ୍କ ସହ ଏହାର କିଛି ସମ୍ପର୍କ ଅଛି, ତେବେ ତାହା ବକେୟା ମଜୁରୀ କିମ୍ବା ଅନ୍ୟାନ୍ୟ ଚୁକ୍ତିଭିତ୍ତିକ, ବୈଧାନିକ କିମ୍ବା ଅପକୃତ୍ୟ ଦାୟିତ୍ୱ ସହିତ ଜଡିତ । ଧାରା 9 (2) କେବଳ ଧାରା 9 (1) ଅଧୀନରେ କାର୍ଯ୍ୟକାରୀ ହୁଏ, ଏବଂ ସେଥିପାଇଁ ଏହା "ସନ୍ଦେହ ଦୂର କରିବା ପାଇଁ ଏହାଦ୍ୱାରା ଘୋଷଣା କରାଯାଉଛି ........." କହି ଆରମ୍ଭ ହୁଏ ।ତେଣୁ, ଧାରା 9 (2), କେବଳ ଧାରା 9 (1) ଅନ୍ତର୍ଗତ କ୍ଷେତ୍ରରେ ସନ୍ଦେହ ଦୂର କରିବାକୁ ଚାହେଁ ଏବଂ ଅନ୍ୟ କୌଣସି ବିଷୟ କିମ୍ବା ପ୍ରସଙ୍ଗ ସହିତ ସମ୍ପୃକ୍ତ ନଥାଏ ।ଧାରା 9 (2) (b) ଯେତେବେଳେ ଏହା 'ଅଧିନିର୍ଣ୍ଣୟ' କୁ ସୂଚିତ କରେ, ସେତେବେଳେ 'ବିଚାରାଦେଶ' କିମ୍ବା 'ଆଦେଶ' ଶବ୍ଦ ସହିତ ଯାଏ । 'ଅଧିନିର୍ଣ୍ଣୟ' ଅଭିବ୍ୟକ୍ତି *ସହଯୋଗୀ ଶବ୍ଦ ଦ୍ୱାରା ପରିଚିତ*, ଏହାର ଏକ ସୀମିତ ଅର୍ଥ ରହିବା ଆବଶ୍ୟକ । ଅଧିକନ୍ତୁ, ଧାରା 9 (1) ଦ୍ୱାରା ଏହାର ପରିସର ଅସୀମିତ ହୋଇଥାଏ । ଯଦି ନିଯୁକ୍ତି ଦିନ ପୂର୍ବରୁ ବକେୟା ପାରିଶ୍ରମିକ ପ୍ରଦାନ କରାଯାଇଥାଏ କିମ୍ବା ଅନ୍ୟ କୌଣସି ରାଶି, ରାଷ୍ଟ୍ରୀୟକରଣ ପୂର୍ବରୁ ସଂଗୃହୀତ ହୋଇଥାଏ,ଏବଂ ନୂଆ ମାଲିକଙ୍କ ଦ୍ୱାରା କୌଣସି ଶ୍ରମିକଙ୍କୁ ଦେବା ପାଇଁ ନିର୍ଦ୍ଦେଶ ପାଇଥାନ୍ତି, ତେବେ ଧାରା 9 (2) (b), ସେହି ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିନଥାଏ । ଧାରା 9 (2) (ବି) ଧାରା 17 (1) କୁ ରଦ୍ଦ କରିବା କିମ୍ବା ଧାରା 9 (1) ଠାରୁ ଅଧିକ କାର୍ଯ୍ୟକାରୀ ବୋଲି ନିର୍ଣ୍ଣୟ ନେବାରେ ଆମେ କୌଣସି କାରଣ ଦେଖୁ ନାହୁଁ ।"

୨(1) ଆମେ ସ୍ପଷ୍ଟ ଯେ, ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥାଟି କେବଳ ଦାୟିତ୍ୱ ବିରୁଦ୍ଧରେ ଶକ୍ତି ପ୍ରଦାନ କରେ, କିନ୍ତୁ ଆଇନ ଦୃଷ୍ଟିରେ, ପୂର୍ବ ମାଲିକଙ୍କ ଅଧୀନରେ ଥିବା ଶ୍ରମିକମାନଙ୍କୁ ବହିଷ୍କାର କରିବାର ଅଧିକାର ଦିଏ ନାହିଁ ।"

ବର୍ତ୍ତମାନ ଆମ ସମ୍ମୁଖରେ ଯେଉଁ ଯୁକ୍ତି ଉପସ୍ଥାପିତ ହୋଇଛି, ତାହା ହେଉଛି, ଏଥିରେ କରାଯାଇଥିବା ଏକ ସଂଶୋଧନ ଦ୍ୱାରା ଅନେକ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଏହି ଅଧିନିୟମର ଧାରା 14 କୁ ପ୍ରତିସ୍ଥାପିତ କରାଯାଇଛି । ଅଧିନିୟମର ଧାରା 14 (1) ରେ ନିମ୍ନଲିଖିତ ବ୍ୟବସ୍ଥା ପ୍ରଦାନ କରାଯାଇଛି:

*"14. ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ନିଯୁକ୍ତି ଜାରି ରଖିବା ନିମନ୍ତେ-*

(1) ପ୍ରତ୍ୟେକ ବ୍ୟକ୍ତି ଯିଏ ଶିଳ୍ପ ବିବାଦ ଅଧିନିୟମ, 1947 ଅନୁଯାୟୀ ଜଣେ ଶ୍ରମିକ ଅଟନ୍ତି ଏବଂ ନିଯୁକ୍ତି ତାରିଖର ଠିକ୍ ପୂର୍ବରୁ କେନ୍ଦ୍ର ସରକାରଙ୍କର ଜଣେ କର୍ମଚାରୀ ଥିଲେ, ଯେଉଁଥିରେ ଏହି ଅଧିନିୟମ ଅନୁଯାୟୀ ଏପରି ଖଣିର ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ନ୍ୟସ୍ତ ହୋଇଛି ଏବଂ ସେ କୋଇଲା ଖଣିରେ ସେହି ଅଧିକାର ସହିତ ପଦବୀ କିମ୍ବା ସେବା ଯଥାସ୍ଥିତି ତାଙ୍କୁ ମିଳିଥାନ୍ତା ଯଦି ଏହି କୋଇଲା ଖଣି ସମ୍ବନ୍ଧୀୟ ଅଧିକାର କେନ୍ଦ୍ର ସରକାରଙ୍କୁ କିମ୍ବା ସରକାରୀ କମ୍ପାନୀକୁ ସ୍ଥାନାନ୍ତର କରାଯାଇ ନଥାନ୍ତା ଏବଂ ନ୍ୟସ୍ତ ହୋଇନଥାନ୍ତା, ଏବଂ ସେପର୍ଯ୍ୟନ୍ତ କରୁଥିବେ ଯେପର୍ଯ୍ୟନ୍ତ ଏହି କୋଇଲା ଖଣିରେ ତାଙ୍କର ନିଯୁକ୍ତି ବିଧିବଦ୍ଧ ଭାବେ ଶେଷ ନହୋଇଛି କିମ୍ବା କେନ୍ଦ୍ର ସରକାର କିମ୍ବା ସରକାରୀ କମ୍ପାନୀ ଦ୍ୱାରା ତାଙ୍କର ପାରିଶ୍ରମିକ, ନିଯୁକ୍ତି ନିୟମ ଓ ସର୍ତ୍ତାବଳୀକୁ ବିଧିବଦ୍ଧ ଭାବେ ପରିବର୍ତ୍ତନ କରାଯାଇ ନାହିଁ ।"

(ଅବଶିଷ୍ଟ ବ୍ୟବସ୍ଥାଗୁଡ଼ିକ ଆବଶ୍ୟକ ନଥିବାରୁ ଉଦ୍ଧୃତ କରାଯାଇନାହିଁ ।

ଉକ୍ତ ବ୍ୟବସ୍ଥାଟିକୁ ହଟାଇ ଦିଆଯାଇଛି ଏବଂ ନିମ୍ନଲିଖିତ ବ୍ୟବସ୍ଥା ଦ୍ୱାରା ପ୍ରତିସ୍ଥାପିତ କରାଯାଇଛି ।

"14. କୌଣସି ଅନ୍ୟ କୋଇଲା ଖଣିକୁ ସ୍ଥାନାନ୍ତର ପାଇଁ କୋଇଲା ଖଣିର ଅଧିକାରୀ କିମ୍ବା ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱ ।ଶିଳ୍ପ ବିବାଦ ଆଇନ, 1947 କିମ୍ବା ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଅନ୍ୟ କୌଣସି ଅଧିନିୟମରେ ଯାହା କିଛି ଉଲ୍ଲେଖ ଥାଉ ନା କାହିଁକି, କୋଇଲା ଖଣିରେ ନିୟୋଜିତ କୌଣସି ଅଧିକାରୀ କିମ୍ବା ଅନ୍ୟ କର୍ମଚାରୀଙ୍କ ସେବା ଏହି ଅଧିନିୟମ କିମ୍ବା ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ କୌଣସି କ୍ଷତିପୂରଣ ପ୍ରଦାନ ପାଇଁ ଦାୟୀ ହେବେ ଏବଂ ଏପରି କୌଣସି ଦାବିକୁ କୌଣସି ଅଦାଲତ, ନ୍ୟାୟାଧିକରଣ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯିବ ନାହିଁ ।"

ଏବେ ଯେଉଁ ତର୍କ ଉପସ୍ଥାପିତ ହୋଇଛି, ତାହା ହେଉଛି, ଅଧିନିର୍ଣ୍ଣୟ ପ୍ରଦାନ ଦିନଠାରୁ, ଧାରା 14 ଅନୁଯାୟୀ ଉପଲବ୍ଧ ସୁରକ୍ଷା ଆଉ ଉପଲବ୍ଧ ନାହିଁ, ଏବଂ ସେଥିପାଇଁ ଅଧିନିର୍ଣ୍ଣୟକୁ ଅବୈଧ ବୋଲି ଯୁକ୍ତି କରାଯାଇଛି । *ଭୁବନେଶ୍ୱର ସିଂ ଏବଂ ଅନ୍ୟଜଣେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, [1994] 6 ଏସସିସି 77 ମାମଲାରେ ହୋଇଥିବା ନିର୍ଣ୍ଣୟରେ, ଏକ ରାୟରେ ଦର୍ଶାଯାଇଥିବା ତ୍ରୁଟିର ସମୀକ୍ଷା କରି ଆଇନ ପ୍ରଣୟନ କରିବା ଏବଂ ନ୍ୟାୟାଳୟଙ୍କ ରାୟକୁ ପ୍ରଭାବହୀନ କରିବା ପାଇଁ ପିଛିଲା ଭାବରେ ଏକ ବୈଧ ବ୍ୟବସ୍ଥାଗତ ଆଇନ ପ୍ରଣୟନ କରିବା ପ୍ରସଙ୍ଗରେ ନିଷ୍ପତ୍ତି ହୋଇଥିଲା । ସେହି ମାମଲାରେ ଯାହା ଘଟିଥିଲା, ତାହା ହେଲା, ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଖଣିର ପରିଚାଳନା ସମୟରେ ଲାଭ-କ୍ଷତି ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଧାରିତ ତାରିଖର ପ୍ରାରମ୍ଭରେ

ପଡ଼ିଥିବା ଗଚ୍ଛିତ ଖନନ କୋଇଲା ବିକ୍ରୟ ମୂଲ୍ୟକୁ ହିସାବକୁ ନିଆଯିବା ଆବଶ୍ୟକ । ଏହାପରେ, କୋଇଲା ଖଣି ରାଷ୍ଟ୍ରୀୟକରଣ ଆଇନ (ସଂଶୋଧନ) ଅଧ୍ୟାଦେଶ ଏବଂ ଅଧିନିୟମ, 1986 ଜାରି କରାଯାଇଥିଲା । ସଂଶୋଧନ ଆଇନ ଦ୍ୱାରା, ପ୍ରବର୍ତ୍ତନ କରାଯାଇଥିବା ମୂଳ ଅଧିନିୟମର ଧାରା 19 (2) ଏବଂ ସଂଶୋଧନ ଅଧିନିୟମର ଧାରା 19 ରେ ପ୍ରଦାନ କରାଯାଇଛି ଯେ କ୍ଷତିପୂରଣ ଭାବେ ପ୍ରଦାନଯୋଗ୍ୟ ରାଶିକୁ ନିଯୁକ୍ତି ତାରିଖର ଠିକ୍ ପୂର୍ବରୁ ଗଚ୍ଛିତ ଥିବା ସମସ୍ତ କୋଇଲା ପାଇଁ ମାଲିକଙ୍କୁ ପ୍ରଦାନ କରାଯିବାକୁ ଥିବା ରାଶିରେ ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯିବ ଏବଂ ତାହା ସର୍ବଦା ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯିବ । ଉକ୍ତ ସଂଶୋଧନ ଆଇନଟି ବୈଧ ଭାବେ ନିର୍ଣ୍ଣୟ କରାଯାଇଥିଲା, କାରଣ ଏହା ମୂଳ ଆଇନର ଭିତ୍ତିକୁ ପିଛିଲା ପ୍ରଭାବ ସହିତ ପରିବର୍ତ୍ତନ କରିଥିଲା, ଯାହା ଫଳରେ ନ୍ୟାୟାଳୟଙ୍କ ରାୟ ଅକାମୀ ହୋଇଯାଇଥିଲା, ତେଣୁ, ଏହି ନ୍ୟାୟାଳୟ ଉକ୍ତ ବ୍ୟବସ୍ଥାକୁ ବଳବତ୍ତର ରଖିଛନ୍ତି । ସେହି ନିର୍ଣ୍ଣୟର ବର୍ତ୍ତମାନର ମାମଲାରେ କୌଣସି ପ୍ରୟୋଗ ନାହିଁ, କିମ୍ବା ଆମେ ବିଚାରାଧୀନ ଥିବା ଅଧିନିୟମର ବୈଧତା ସହିତ ଜଡ଼ିତ ନୁହଁ । ବର୍ତ୍ତମାନର ମାମଲାରେ ଆମେ ଯାହା ଚିନ୍ତା କରୁଛୁ, ତାହା ହେଉଛି ଧାରା 14 ର ଉପ-ଖଣ୍ଡ ଗୁଡ଼ିକର ବିଲୋପ ପରିପ୍ରେକ୍ଷୀରେ ବ୍ୟବହୃତ "ପ୍ରତିସ୍ଥାପନ" ଅଭିବ୍ୟକ୍ତିର ପ୍ରଭାବ, ଯେପରି ମୂଳରେ ପ୍ରଣୟନ କରାଯାଇଥିଲା । *ଭଗତ୍ ରାମ ଶର୍ମା ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1988] ଏସୟୁପିପି. ଏସସିସି 30, ମାମଲାରେ ଏହି ନ୍ୟାୟାଳୟ କହିଥିଲେ ଯେ ଏକ ସଂଶୋଧନ ଆଇନ ପ୍ରଣୟନ କରିବା ସମୟରେ, ଏକ ବିଦ୍ୟମାନ ବ୍ୟବସ୍ଥାକୁ ବିଲୋପ କରାଯିବ ଏବଂ ଏକ ନୂତନ ବ୍ୟବସ୍ଥା ପ୍ରତିସ୍ଥାପିତ ହେବା ପାଇଁ ବ୍ୟବସ୍ଥା କରିବା ଏକ ବୈଧାନିକ କାର୍ଯ୍ୟର ପ୍ରସଙ୍ଗ ଅଟେ । ଯଦି ଗୋଟିଏ କାର୍ଯ୍ୟଦ୍ୱାରା ଉଭୟ ପ୍ରତ୍ୟାହାର ଏବଂ ଏହାର ସ୍ଥାନରେ ଅନ୍ୟ ଏକ ବ୍ୟବସ୍ଥାର ପ୍ରବର୍ତ୍ତନ ହୁଏ, ତେବେ "ପ୍ରତିସ୍ଥାପିତ" ଶବ୍ଦଟି ବ୍ୟବହୃତ ହୁଏ । ଏଭଳି ବିଲୋପନର ପ୍ରଭାବ ବିଦ୍ୟମାନ ବ୍ୟବସ୍ଥାକୁ ରଦ୍ଦ କରିବା ଏବଂ ନୂତନ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ମଧ୍ୟ ବ୍ୟବସ୍ଥା ପ୍ରଦାନ କରିଥାଏ । ଏହିପରି କ୍ଷେତ୍ରରେ, ଆମ ମତରେ, ପ୍ରତ୍ୟାହାର ଏବଂ ସଂଶୋଧନ କିମ୍ବା ପ୍ରତିସ୍ଥାପିତ ମଧ୍ୟରେ କୌଣସି ପ୍ରକୃତ ପାର୍ଥକ୍ୟ ନାହିଁ । ଯଦି ସେହି ଦିଗଟିକୁ ଧ୍ୟାନରେ ରଖାଯାଏ, ତେବେ ଏକ ବ୍ୟବସ୍ଥାର ସଂଶୋଧନରୁ ଉତ୍ପନ୍ନ ହେଉଥିବା ପକ୍ଷମାନଙ୍କ ଅଧିକାର ଖୋଜି ବାହାର କରିବାର ସାଧାରଣ ନୀତିଗୁଡ଼ିକ ଏକ ବ୍ୟବସ୍ଥାର ସଂଶୋଧନରୁ ପ୍ରୟୋଗ କରାଯିବା ଆବଶ୍ୟକ । ଯଦି ସେଠାରେ ଏକ ନିହିତ ଅଧିକାର ଥାଏ ଏବଂ ସେହି ଅଧିକାର ଛଡ଼ାଇ ନିଆଯିବାର ଅଛି, ତେବେ ଆଇନକୁ ନିଶ୍ଚିତ ଭାବେ ପିଛିଲା ପ୍ରଭାବରେ କାର୍ଯ୍ୟକାରୀ କରିବାକୁ ପଡ଼ିବ ଏବଂ ଯଦି ଏପରି ଏକ ଆଇନ; ପିଛିଲା ପ୍ରଭାବରେ ଏପରି ଏକ ଅଧିକାରକୁ ଛଡ଼ାଇ ନିଏ, ତେବେ ଆଉ ଏହା ଯୁକ୍ତି କରାଯାଇପାରିବ ନାହିଁ ଯେ ଏହି ଅଧିକାରକୁ କାର୍ଯ୍ୟକାରୀ କରାଯିବା ଉଚିତ । ତେବେ, ବର୍ତ୍ତମାନ ମାମଲାରେ, ସେହି ଆଇନଗତ ସ୍ଥିତି, ପକ୍ଷମାନଙ୍କର ଅଧିକାରକୁ ପ୍ରଭାବିତ କରେ ନାହିଁ ।

ଏହି ଅଧିନିୟମ 1.5.1973 ରୁ କାର୍ଯ୍ୟକାରୀ ହୋଇଥିଲା ଏବଂ କର୍ମଚାରୀମାନେ (ପୂର୍ବତନ କର୍ମଚାରୀଙ୍କ ସମେତ ଯେଉଁମାନଙ୍କ ସେବା ବନ୍ଦ ହୋଇଯାଇଥିଲା) ଏପରି ନିଯୁକ୍ତି ଜାରି ରଖିବେ ଯେପରିକି ରାଷ୍ଟ୍ରୀୟକରଣ ହୋଇନଥିଲା । ବର୍ତ୍ତମାନର ମାମଲାରେ ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତ ଏହା ଯେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଚାକିରିରୁ ବାହାର କରାଯାଇନଥିଲା, କିନ୍ତୁ ସେମାନଙ୍କୁ କେବଳ କାମ କରିବାକୁ ଅନୁମତି ଦିଆଯାଇନଥିଲା । ପ୍ରମାଣ ଆଧାରରେ ନିଆଯାଇଥିବା ଏହି ତଥ୍ୟଗତ ସିଦ୍ଧାନ୍ତରେ କୌଣସି ତ୍ରୁଟି ନାହିଁ । ତେଣୁ, କର୍ମଚାରୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅଧିକାର, ଅଧିନିୟମର ସଂଶୋଧିତ ବ୍ୟବସ୍ଥାକୁ ଆକର୍ଷିତ କରିବ ନାହିଁ, ଯାହା 15.12.1986 ରେ କାର୍ଯ୍ୟକାରୀ ହୋଇଥିଲା ।

ସେହି ଦୃଷ୍ଟିରୁ, ଆମେ ଭାବୁନାହୁଁ ଯେ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟରେ କୌଣସି ପ୍ରକାର ତ୍ରୁଟି ରହିଛି, ବିଶେଷ କରି, ଯେତେବେଳେ ନିର୍ଣ୍ଣୟଟି ଏହି ତଥ୍ୟ ଉପରେ ଦିଆଯାଇଛି ଯେ ଅଧିଗ୍ରହଣ ତାରିଖରେ ସମ୍ପୃକ୍ତ ଶ୍ରମିକମାନେ ଆବେଦନକାରୀ ପରିଚାଳନାର କର୍ମଚାରୀ ଥିଲେ ।ଯଦି ତାହା ହୋଇଥାଏ, ତେବେ ସେମାନେ କେବେ ବି କର୍ମଚାରୀରୁ ବଞ୍ଚିତ ହୋଇନଥିଲେ । ସେମାନଙ୍କୁ କୋଇଲା ଖଣିରେ କାମ କରିବାରୁ ବାରଣ କରାଯାଇଥିଲା, ଯାହାକୁ ଅଧିନିର୍ଣ୍ଣୟ ଦ୍ୱାରା ଠିକ୍ କରାଯାଇଥିଲା । ଏହି ଆବେଦନରେ ଆମେ କୌଣସି ସାର ପାଇନାହୁଁ । ତେଣୁ, ସେହି ମାମଲାକୁ ଖାରଜ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ସି.ଏ. ସଂଖ୍ୟା 7596/99

ବିଚାର ପାଇଁ ଆସିଥିବା ପ୍ରଶ୍ନଗୁଡ଼ିକ ସମାନ ହୋଇଥିବାରୁ ଏହି ଆବେଦନକୁ ମଧ୍ୟ ଖାରଜ କରାଗଲା ।

ଭି. ଏସ୍. ଏସ୍.                                        ଆବେଦନଗୁଡ଼ିକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।